# ଭୁବନେଶ୍ୱରରେ ଅପରାଧ ଓ ପୁଲିସ୍ ବ୍ୟବସ୍ଥାକୁ ନେଇ ରିପୋର୍ଟ

## ଶହୀଦ ନଗର ଥାନାରେ ସବୁଠୁ ଅଧିକ ଅପରାଧ ମାମଲା

## ୧୨୫ ପଦବୀ ଖାଲି - ୯ଟି ଥାନାରେ ମହିଳା ଅଫିସର ନାହାନ୍ତି

## ୧୧ଟି ଥାନାର ସିସିଟିଭି ଅଚଳ - ପୁଲିସ୍ ବିରୋଧରେ ୩୪୩ ଅଭିଯୋଗ

ଭୁବନେଶ୍ୱର : ଭୁବନେଶ୍ୱରରେ ବିଭିନ୍ନ ଅପରାଧ ମଧ୍ୟରୁ ଚୋରି ଘଟଣା ସବୁଠାରୁ ଅଧିକ। । ଶହୀଦ ନଗର ଥାନା ଅଂଚଳରେ ସବୁଠୁ ଅଧିକ ଅପରାଧ ଘଟଣା ରେକର୍ଡ ହୋଇଛି । ଜଟଣୀ ଥାନାରେ ସବୁଠୁ ଅଧିକ ହତ୍ୟା ମାମଲା । ଭୁବନେଶ୍ୱର ୯ଟି ଥାନାରେ ମହିଳା ଅଫିସର ନାହାନ୍ତି । ୪ଟି ଥାନାରେ ୱାସରୁମ୍ ନାହିଁ ଓ ୭ଟି ଥାନାରେ ମହିଳା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ୱାସରୁମ୍ ନାହିଁ । ୧୧ ଥାନାରେ ସିସିଟିଭି ନାହିଁ ବା କାମ କରୁନାହିଁ । ମହିଳା କର୍ମଚାରୀଙ୍କୁ ନିର୍ଯାତନା ମାମଲାର ବିଚାର ପାଇଁ ଇଂଟରନାଲ୍ କଂପ୍ଲେଂଟ୍ କମିଟି ୧୮ଟି ଥାନାରେ ନାହିଁ । ଭୁବନେଶ୍ୱରର ସିଭିଲ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ ରାଇଟ୍ସ ଓ ନୂଆଦିଲ୍ଲୀସ୍ଥ କମନ୍‌ୱେଲ୍‌ଥ ହ୍ୟୁମାନ ରାଇଟ୍ସ ଇନିସିଏଟିଭ୍ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏକ ରିପୋର୍ଟରୁ ଭୁବନେଶ୍ୱର କମିଶନରେଟ୍ ପୁଲିସ୍ କମିଶନରେଟ୍ ସମ୍ପର୍କରେ ଏମିତି କିଛି ରୋଚକ ତଥ୍ୟ ମିଳିଛି । ଶୁକ୍ରବାର ଦିନ ରେଡକ୍ରସ ଭବନରେ ଏହି ରିପୋର୍ଟ ଉନ୍ମୋଚନ ହୋଇଉଛି । ଅପ୍ରେଲ ୨୦୧୫ରୁ ମାର୍ଚ ୨୦୧୬ ମଧ୍ୟରେ ଭୁବନେଶ୍ୱରର ୨୧ଟି ଥାନା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି । ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ୧୭୯୨ଟି ଚୋରି ଘଟଣା ସାମ୍ନାକୁ ଆସିଛି । ଯାହା ଅପରାଧ ଶ୍ରେଣୀରେ ସର୍ବାଧିକ । ଶହୀଦ ନଗର ଥାନାରେ ଏହି ବର୍ଷକ ମଧ୍ୟରେ ୭୯୯ଟି ଅପରାଧ ଘଟଣା ରେର୍କଡ ହୋଇଛି । ଏହା ପରକୁ ୬୯୩ ଅପରାଧ ସହ ଦ୍ୱିତୀୟ ସ୍ଥାନରେ ରହିଛି ଖଣ୍ଡଗିରି ଥାନା । ସବୁଠୁ ଚିନ୍ତା ଜନକ ବିଷୟ ହେଉଛି ବର୍ଷକ ମଧ୍ୟରେ ୧୫୧ଟି ନାବାଳକ ଅପହରଣ ମାମଲା ରିପୋର୍ଟ ହୋଇଛି । ଭୁବନେଶ୍ୱର ଥାନା ଅଂଚଳରେ ପୋଲିସ୍ କର୍ମଚାରୀଙ୍କ ଶୂନ୍ୟ ପଦବୀକୁ ମଧ୍ୟ ଏହି ରିପୋର୍ଟ ସାମ୍ନାକୁ ଆଣିଛି । ଥାନାଗୁଡିକରେ ୧୮ଟି ସବ୍-ଇନ୍ସପେକ୍ଟର, ୬ ହେଡ୍ କନଷ୍ଟେବଲ୍, ୧୦୧ କନଷ୍ଟେବଲ୍ ପଦବୀ ଖାଲି ପଡିଛି । ନଅଟି ଥାନାରେ ଏଏସଆଇ କିମ୍ବା ଏସଆଇ ସ୍ତରୀୟ ମହିଳା ଅଫିସର ନାହାନ୍ତି । ୧୧ଟି ଥାନାରେ ଇ-ମେଲ୍ ଯୋଗେ ଏଫଆଇଆର୍ ଗ୍ରହଣ କରିବା ସୁବିଧା ରହିଛି । ମୋଟ୍ ୬୦୯ କର୍ମଚାରୀଙ୍କ ମଧ୍ୟରୁ ୨୦୧ଙ୍କୁ ସରକାରୀ କ୍ୱାର୍ଟର ମିଳିନାହିଁ । ବର୍ଷକ ମଧ୍ୟରେ ପୁଲିସ୍ ବିରୋଧରେ ମୋଟ୍ ୩୪୩ ଅଭିଯୋଗ ଆସିଛି । ଡିଷ୍ଟ୍ରିକ୍ଟ ହ୍ୟୁମାନ ରାଇଟ୍ସ ପ୍ରୋଟେକସନ୍ ସେଲ୍‌କୁ ମିଳିଥିବା ୨୫୨ଟି ଅଭିଯୋଗ ବିନା ତଦନ୍ତରେ ବନ୍ଦ କରିଦିଆଯାଇଛି । ଲୋକପାଳ ନଥିବାରୁ ଏଠାକୁ ଆସିଥିବା ପୁଲିସ୍ ବିରୋଧରେ ୧୪ଟି ଅଭିଯୋଗ ବିଚାର ହୋଇପାରିନାହିଁ । ଏସବୁ ତ୍ରୁଟି ଓ ସମସ୍ୟାକୁ ସମାଧାନ ପାଇଁ ସରକାର ଓ ଗୃହ ମନ୍ତ୍ରାଳୟକୁ ମାନବାଧିକାର କର୍ମୀ ଓ ସଂଗଠନଗୁଡିକ ପ୍ରସ୍ତାବ ଦେଇଛନ୍ତି ।